**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**15th July - 2024**

**News Editor : *Itishree Singh Rathaur***

**************************************

***Puri/R***

# ବାହୁଡ଼ା ଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜିଉଙ୍କର ଆଜି ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ । ଠାକୁରଙ୍କର ଦୈନିକ ନୀତିକାନ୍ତି ସହ ମଙ୍ଗଳାର୍ପଣ ପରେ ମଧ୍ୟାହ୍ନ ୧୨ଟାରେ ପହଣ୍ଡିବିଜେ ଆରମ୍ଭ ହେବ । ଅପରାହ୍ଣ ସାଢ଼େ ୨ଟାରେ ଛେରାପହଁରା ନୀତି କରାଯାଇ ୪ଟାରୁ ରଥଟଣା ପାଇଁ ନୀତି ନିର୍ଘଣ୍ଟ କରାଯାଇଛି । ରଥଟଣା ଶେଷ ହେବା ପରେ ରଥାରୂଢ଼ ମହାପ୍ରଭୁଙ୍କର ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ କରାଯିବ । ବଡ଼ ଏକାଦଶୀ ବୁଧବାର ଦିନ ରଥ ଉପରେ ଶ୍ରୀଜିଉମାନଙ୍କର ସୁନାବେଶ ଅନୁଷ୍ଠିତ ହେବ । ବାହୁଡ଼ା ଯାତ୍ରା ଏବଂ ସୁନାବେଶ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

*Desk*

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ । ଏହା ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ଅଭିଯୋଗ ଶୁଣାଣି ହେବ। ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଅଭିଯୋଗ ପଞ୍ଜୀକରଣ ହେବା ସହ ସେଗୁଡ଼ିକର ଶୁଣାଣି କରାଯିବ ।

***BBSR/R***

# ଓ.ଏସ୍.ଡି. ନିଯୁକ୍ତି

ରାଜ୍ୟର ୬ଟି ବିଭାଗରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଓ.ଏସ୍.ଡି. ଭାବେ ୬ ଜଣ ଓ.ଏ.ଏସ୍. ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗତକାଲି ଏ ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଭାଗଗୁଡ଼ିକ ହେଉଛି - ସମବାୟ, ହସ୍ତତନ୍ତ ଓ ବୟନ ବିଭାଗ, ଜଙ୍ଗଲ ଓ ଶ୍ରମ ବିଭାଗ, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରି ବିଭାଗ ଏବଂ ଏମ୍.ଏସ୍.ଏମ୍.ଇ., ମତ୍ସ୍ୟ ଓ ପଶୁସମ୍ପଦ, ଶିଳ୍ପ ଓ ଦକ୍ଷତା ବିକାଶ ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ।

*Desk*

# ହସ୍ପିଟାଲ୍ - ଅଗ୍ନି ନିରାପତ୍ତା

ରାଜ୍ୟର ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଯାଞ୍ଚ୍ କରିବା ଲାଗି ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ମହାନଗର ନିଗମ ଅଞ୍ଚଳଗୁଡ଼ିକରେ ଥିବା ସ୍ୱାସ୍ଥ୍ୟସେବା କେନ୍ଦ୍ର ଏବଂ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ଥିବା ସରକାରୀ ଓ ବେସରକାରୀ ହସ୍ପିଟାଲ୍‌ଗୁଡ଼ିକ ଲାଗି ଭିନ୍ନ ଭିନ୍ନ ଟାସ୍କଫୋର୍ସ ଗଠନ କରାଯିବ । ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଥିବା ନିର୍ଦ୍ଦେଶନାମାକୁ କଡ଼ାକଡ଼ିଭାବେ ପାଳନ କରିବାକୁ ସ୍ୱାସ୍ଥ୍ୟ ସଚିବ ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

# କନିଷ୍ଠ ଶିକ୍ଷକ ନିଯୁକ୍ତି

ରାଜ୍ୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ବିଜ୍ଞପ୍ତି ଗତକାଲି ଓସେପା ପକ୍ଷରୁ ପ୍ରକାଶ ପାଇଛି । ଆସନ୍ତା ୨୦ ଏବଂ ୨୨ ତାରିଖ ଦୁଇଦିନ ଧରି ପ୍ରାର୍ଥୀଙ୍କ ଦସ୍ତାବିଜ୍ ଯାଞ୍ଚ୍ କରାଯିବ । ଜିଲ୍ଲାଓ୍ୱାରି ଯାଞ୍ଚ୍ କେନ୍ଦ୍ରଗୁଡ଼ିକ ସମ୍ପର୍କିତ ସୂଚନା ମଧ୍ୟ ଏହି ବିଜ୍ଞପ୍ତିରେ ଦିଆଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା

ବିଭାଗ ପକ୍ଷରୁ ଗତବର୍ଷ ଅଗଷ୍ଟ ୨୨ ତାରିଖରେ ଜାରି କରାଯାଇଥିବା ମେଧାତାଲିକା ଆଧାରରେ ଏହି ନିଯୁକ୍ତି ପ୍ରକ୍ରିୟା ହେବ ବୋଲି ଜଣାପଡ଼ିଛି ।

***Desk***

## ଡି.ଏମ୍. ସିଟ୍ ବୃଦ୍ଧି

କଟକ ଏସ୍.ସି.ବି. ମେଡିକାଲ୍‌ରେ ଟ୍ରାନ୍ସଫ୍ୟୁଜନ ମେଡିସିନ୍ ବିଭାଗରେ ଡି.ଏମ୍. ପାଠ୍ୟକ୍ରମରେ ସିଟ୍ ସଂଖ୍ୟା ବୃଦ୍ଧି ପାଇଛି । ଏନେଇ ଜାତୀୟ ମେଡିକାଲ୍ କମିଶନ ଏସ୍.ସି.ବି. କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି । ଏହି ପାଠ୍ୟକ୍ରମରେ ୩ଟି ସିଟ୍ ବୃଦ୍ଧି ସହ ମୋଟ୍ ସିଟ୍ ସଂଖ୍ୟା ୫ ହୋଇଛି । ଏସ୍.ସି.ବି. ମେଡିକାଲ୍ କଲେଜ୍ କର୍ତ୍ତୃପକ୍ଷଙ୍କ ରିପୋର୍ଟ ଆଧାରରେ ଆନୁଷଙ୍ଗିକ ସମୀକ୍ଷା କରାଯାଇ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି ।

***IPR***

## କସ୍ତୁରବା ମାତୃ ନିକେଦନ ଅନ୍ତେବାସୀ

ବରଗଡ଼ ପାଇକମାଲସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନର ଅନ୍ତେବାସୀମାନେ ଭୁବନେଶ୍ୱର ରାଜଭବନ ବୁଲି ଦେଖିବା ସହ ପୁରୀରେ ଶ୍ରୀଗୁଣ୍ଡିଚା ଆଡ଼ପ ମଣ୍ଡପରେ ଶ୍ରୀଜିଉଙ୍କୁ ଦର୍ଶନ କରିଥିଲେ । ରାଜ୍ୟପାଳ ରଘୁବର ଦାସ ଗତମାସରେ ନିକେତନକୁ ପରିଦର୍ଶନ କରିବା ଅବସରରେ ଅନ୍ତେବାସୀଙ୍କ ଏଥିପାଇଁ ଆଗ୍ରହକୁ ଦେଖି ଆମନ୍ତ୍ରଣ କରିଥିଲେ । ମାତୃ

ନିକେତନର ୫୦ ଜଣ ଅନ୍ତେବାସୀ ଏବଂ ୧୮ ଜଣ କର୍ମକର୍ତ୍ତା ଗତ ଶନିବାର ଓ ରବିବାର ଦୁଇଦିନ ଧରି ଏହି ଗସ୍ତ କରିଥିଲେ ।

***Desk***

# ଭାରୋତ୍ତୋଳନ ଚାମ୍ପିୟନ୍

ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ୨୭ଟି ପଦ ଜିତି ଚାମ୍ପିୟନ୍ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କେନ୍ଦ୍ରରେ ଗତକାଲି ଉଦ୍‌ଯାପିତ ହୋଇଥିବା ଏହି ପ୍ରତିଯୋଗିତାରେ ବରିଷ୍ଠ, କନିଷ୍ଠ ଏବଂ ଯୁବବର୍ଗରେ ଓଡ଼ିଶାର କ୍ରୀଡ଼ାବିତ୍ ଉତ୍କର୍ଷ ପ୍ରତିପାଦନ କରିଛନ୍ତି । ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର ଜେନା ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

***Desk***

# କରାଟେ ପ୍ରତିଯୋଗିତା

ଭୁଟାନ୍‌ର ଥିମ୍ପୁଠାରେ ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶାରୁ ୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ଜାତୀୟ ପ୍ରତିଯୋଗିତାର ପ୍ରଦର୍ଶନ ଭିତ୍ତିରେ ରାଜ୍ୟ କରାଟେ ସଂଘ ପକ୍ଷରୁ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା । ଏହି ପ୍ରତିଯୋଗୀମାନେ

ବ୍ୟକ୍ତିଗତ ଏବଂ ଦଳଗତ ଦୁଇଟି ବିଭାଗରେ ଅଂଶଗ୍ରହଣ କରୁଛନ୍ତି । ଥିମ୍ପୁଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

***BBSR/R***

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆଜି ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁଯାୟୀ ଆଜି ମଧ୍ୟ କେତେକ ଅଞ୍ଚଳରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ପବଳ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

*****